ମନ ମୋଟୁ ମଇଠାଁ

ଦାଶ ବେନହୁର

Digitized by srujanika@gmail.com

ମନମୋଟୁ ମଇତା

ଲେଖା : ଦାଶ ବେନହୁର

ଛବି : ବଳଦେବ ମହାରଥୀ

Digitized by srujanika@gmail.com

ଲେଖା : ଦାଶ ବେନହୁର

ଛବି : ବଳଦେବ ମହାରଥୀ

ପ୍ରକାଶକ : ନବପଲ୍ଲବ
ସି-୧୧୯ (ଏଚ୍.ଆଇ.ଜି.)
ହାଉସିଂ ବୋର୍ଡ କଲୋନୀ
ବରମୁଣ୍ଡା, ଭୁବନେଶ୍ୱର-୩

ମୁଦ୍ରଣ : ଶୋଭନ
୧୦୬, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩

୨୦୦୯

ମୂଲ୍ୟ : ୩୨ ଟଙ୍କା ମାତ୍ର

Digitized by srujanika@gmail.com

ମନମୋଟୁ ମଇତା

ଢେର ଦିନ ତଳର କଥା ।

କଳାପାହାଡ଼ର ଜଙ୍ଗଲ ଭିତରେ ଥାଏ ଗୋଟିଏ ଛୋଟ ଗାଆଁ । ଗାଆଁଟିର ନାଁ ''ସୋଘା'' । ସେଥିରେ ରହୁଥାଆନ୍ତି ସାପୁଆକେଳାମାନେ । ତାଙ୍କରି ଭିତରେ ଥାଏ ''ମଇତା'' । ବୟସ ସତର କି ଅଠର । ଦେଖିବାକୁ ଯେମିତି ଡେଙ୍ଗା ଡାହାଳିଆ, ମନ ଭିତରେ ତା'ର ସେମିତି କାହିଁରେ କ'ଣ ସାହସ ।

ସାପ ଧରିବା ହେଲା ସୋଘା ଗାଆଁର ଲୋକମାନଙ୍କର ମୂଳ କାମ । ସାପ ଧରି ସେମାନେ ପେଟ ପୋଷନ୍ତି । ତେଣୁ ସାପ ଖେଳେଇବା, ସାପର ବିଷ, ଚମଡ଼ା ଓ ମଣି ବିକିବା ହେଲା ତାଙ୍କର ଅସଲ ବେଉସା ।

Digitized by srujanika@gmail.com



ପାଖ ମଣିଚୂଡ଼ ପାହାଡ଼ରୁ ସାପ ଧରିବାକୁ ଗଲାବେଳେ ଗାଆଁ ଲୋକମାନେ ଏକାଠି ଯାଆନ୍ତି ସାଙ୍ଗସୁଙ୍ଗା ହୋଇ । ହେଲେ ମଇତା ସବୁବେଳେ ଥାଏ ସମସ୍ତଙ୍କ ଆଗରେ ।

'ସୋଘା' ଗାଆଁଟାଯାକରେ 'ମଇତା' ସବୁଠାରୁ ବଳି ଭଲ ସାପୁଆ କେଳା । ବୟସ ସିନା କମ୍ କିନ୍ତୁ ବୁଦ୍ଧି ଆଉ ସାହସରେ କୋଉ ବଡ଼ ବଡ଼ ଲୋକମାନେ ବି ତା'ର ପାଖ ପଶି ପାରନ୍ତି ନାହିଁ । ବାପ୍‌ରେ ବାପ୍ କି ସାହସ ତାର ! ସେ ଯେତେବେଳେ ନାଗେଶ୍ୱରୀ ବାଜା ଫୁଙ୍କେ, ସେତେବେଳେ ଦେଖିବାର କଥା । ସାରା ଇଲାକା ଯେମିତି ଚୁନିଚାନି ଶୋଇଯାଏ, ସେ ବାଜାର ମିଠା ସ୍ୱର ଶୁଣିବା ପାଇଁ । ସାପମାନେ କାହିଁ କେତେ ଦୂରରୁ ଢଳି ଢଳି ଦଉଡ଼ି ଆସନ୍ତି ମଇତା ପାଖକୁ । ସତେ ଯେମିତି ସେମାନଙ୍କୁ ନିଶା ଘାରିଚି । ସେତିକିବେଳେ ମଉକା ଉଣ୍ଡି ମଇତା ଖପ୍‌କିନା ଧରିନିଏ ଗୋଟା ପରେ ଗୋଟା ଭୟଙ୍କର ସାପମାନଙ୍କୁ ।

ଏମିତିକି ଦଶ ହାତ ଲମ୍ବ ମଣିଚୂଡ଼ ସାପକୁ ସେ ବାଆଁ ହାତରେ ଏଭଳି କାବୁ କରିପାରେ ଯେ ଅନ୍ୟମାନଙ୍କର ଆଖି ଭୟରେ ବନ୍ଦ ହୋଇଯାଏ ।

Digitized by srujanika@gmail.com

ଗାଆଁ ଯାକରେ ସେଇଥିପାଇଁ ମଇତାର ନାଁ ଡାକ 'ନାଲ୍‌ଟୁ ସୋଘା', ମାନେ ''ପାଟ ସାପୁଆ କେଳା'' । ସାପୁଆ କେଳାମାନଙ୍କ ଭିତରେ ସେ ପ୍ରଥମ । ଏଇ କାରଣରୁ ଗାଆଁରେ ଆଉ ସବୁ ମୁରବି ଲୋକ ଥିଲେ ବି, ତା'କୁ ଗାଆଁ ଠାକୁରାଣୀଙ୍କ ପାଖରେ ଫୁଲଧଣ୍ଡା ଚଢ଼େଇବା ପାଇଁ ପ୍ରଥମେ ସୁଯୋଗ ମିଳେ ।

ଭଲ ସାପୁଆ କେଳା ହୋଇଥିବାରୁ ମଇତାର ସାରା ଗାଆଁରେ ଭାରି ପ୍ରଶଂସା, ଭାରି ନାଁ-ଡାକ ।

ଏଇମିତି ଦିନ ପରେ ଦିନ ଯାଏ । ସୋଘା ଗାଆଁର ଲୋକ ସୁରୁଖୁରୁରେ ଚଳି ଯାଉଥାଆନ୍ତି ।

Digitized by srujanika@gmail.com

ଦିନେ କ'ଣ ହେଇଚିନା, ସୋଘାର ଲୋକେ ଏକାଦିନକେ ଧରିଲେ ତିରିଶଟା ସରିକି ସାପ । ସବୁଠାରୁ ବଡ଼ କଥା ହଉଚି ମଇତା ଏକା ସେଇ ସାପମାନଙ୍କ ଭିତରୁ ଧରିଥାଏ କୋଡ଼ିଏ ଖଣ୍ଡେ ସାପଙ୍କୁ । ସାପମାନଙ୍କ ଭିତରେ ଥାଆନ୍ତି ଦୁଇଟା ଭୟଙ୍କର ଶ୍ୱେତନାଗ, ଆଉ ଗୋଟିଏ ଅହିରାଜ । ତାଙ୍କୁ ଧରିଥିଲା ମଇତା । ସେଇଥିପାଇଁ ସେଦିନ ଗାଆଁ ଯାକର ଲୋକେ ମଇତାକୁ କେତେନା କେତେ ଟେକାଟେକି କରି କହିଲେ ତାର ହିସାବ ନାହିଁ । ଏସବୁ ଶୁଣି ମଇଂତାର ମନ ବି କୁଣ୍ଢେ ମୋଟ । ଗର୍ବରେ ତା'ର ଛାତି ଫୁଲି ଉଠୁଥାଏ ବେଳକୁ ବେଳ ।

ମଇତା ବିଚାରିଲା, ଆଜି ଗାଁଟା ଯାକ ଯେତିକି, ମୁଁ ଏକା ସେମାନଙ୍କଠାରୁ ଢେର ଅଧିକା । କିଏ ଅଛି ମୋ ସାଙ୍ଗରେ ଟକ୍କର ଦବ ସାପ ଧରିବାରେ ? ଏଇମିତି ବିଚାର କରି ମଇତା, ତଳ ଉପର ଭାବି ଯାଉଥାଏ କେତେ କ'ଣ । ଅନ୍ୟମାନେ ତାକୁ ଜଣାଯାଉଥାନ୍ତି ତୁଚ୍ଛ ନିପାରିଲା ମଣିଷ ଗୁଡ଼ାଏ ପରି ।

Digitized by srujanika@gmail.com

ସେଇ ଦିନର କଥା । ଗାଆଁକୁ ଫେରି ସଭିଏଁ ଲାଗିଗଲେ ଯିଏ ଯାହାର କାମରେ । ସାପମାନଙ୍କର ଦାନ୍ତ ଭାଙ୍ଗିବାକୁ ପଡ଼ିବ । ସାପ ବିଷକୁ ବାଗେଇ ସଂଗ୍ରହ କରିବାକୁ ହବ । ସାପର ବିଷରୁ ଖୁବ୍ ମୂଲ୍ୟବାନ ଔଷଧ ତିଆରି ହୁଏ । ସାପର ବିଷ ବିକିଲେ ଭଲ ପଇସା ମିଳେ । ପୁଣି ବଡ଼ କଥା ହଉଚି ସାପମାନଙ୍କୁ ଖେଳ ପାଇଁ ମନେଇବାକୁ

ପଡ଼ିବ । ସବୁ ସାପଙ୍କ ପାଇଁ ଅଲଗା ଅଲଗା ପେଡ଼ି ଦରକାର । କାହା ପାଇଁ ଛୋଟ, କାହା ପାଇଁ ବଡ଼ । ସେମାନଙ୍କୁ କେବଳ ଧରି ପକେଇଲେ ଚଳିବନି । ସାପମାନଙ୍କର ଦେଖା ରଖା କରିବା ବି ଗୋଟିଏ ବଡ଼ କାମ ।

ସେଦିନ ଗାଆଁ ଲୋକଙ୍କୁ ସେସବୁ କାମ କରିବାକୁ ଛାଡ଼ିଦେଇ ମଇତା ଇଆଡ଼େ ସିଆଡ଼େ ବୁଲିଲା । ଆଗରୁ ଆସିଲେ ଯେମିତି ସେ କାମରେ ଲାଗନିଏ, ଆଉ ସେମିତି କଲାନି । କେହି ଡାକିଲେ ବି ସିଆଡ଼କୁ ଟିକେ ଚାହିଁଲାନି ସିଏ ।

ଘରେ ମଇତାର ଗୋଟିଏ ସାତ ବର୍ଷର ଛୋଟ ଭଉଣୀ, ପାଞ୍ଚ ବରଷର ଗୋଟିଏ ଭାଇ ଆଉ ମାଆ । ବାପା, ଏଇ ମାତ୍ର ଚାରି ବର୍ଷ ତଳେ ବାଘ ହାବୁଡ଼ରେ ପଡ଼ି ଆର ପାରିକୁ ଚାଲି ଯାଇଥାନ୍ତି । ତେଣୁ ଘର କାମର ସବୁ ଭିଡ଼ଯାକ ମଇତାର ମୁଣ୍ଡ ଉପରେ । ଘରକୁ ଫେରିଲେ ବି, କାଠ ଚିରିବା, ନେଉଳ ଓ ଗାଇଙ୍କୁ ଖୁଆଇବା, ସଉଦା ଆଣିବା ଆଦି କାମ ସେ ସବୁଦିନେ କରେ । କିନ୍ତୁ ସେଦିନ ଘରକୁ ଫେରି କିଛି କାମ କଲାନି ମଇତା । ଦୋକାନରୁ ସଉଦା ଆଣିବା ପାଇଁ ମାଆ କହିଲେ, ହେଲେ ସେ ଶୁଣିଲାନି । ଗାଇ ଓ ନେଉଳଙ୍କୁ ଖୁଆଇଲାନି । ଶେଷକୁ ମାଆ ନିଜେ କାଠ ଚିରି ରୋଷେଇ କଲେ ଓ ସାନ ଭଉଣୀ ''କିନୁ'' ଗାଇ ଏବଂ ନେଉଳଙ୍କୁ ଖାଇବାକୁ ଦେଲା । ସେମାନଙ୍କର ପେଟ ପୂରିଲା କି ନାଇଁ କେଜାଣି ? ସାନ ଭାଇ 'ପିଉଁ' ଯାଇ ଦୋକାନରୁ ସଉଦା ଆଣିଲା ।

Digitized by srujanika@gmail.com

ମଇତା ଘରକୁ ଫେରି ଅଯଥା ଅଳସ କଲା । ବସି ବସି ପିକା ଟାଣିଲା । ବୋଧେ ଭାବିଲା ବହୁତ ଗୁଡ଼ାଏ ସାପଧରି ସେ ସେଦିନ ଅନେକ କାମ କରି ସାରିଚି ।

ରାତିରେ ଖାଇଲା ବେଳେ, ସେ ସବୁ କଥାରେ ଗାରୁ ଗାରୁ ହେଲା । ଏଇଟା ହେଲାନି, ସେଇଟା ହେଲାନି କହି ପାଟିକଲା । ସାନ ଭଉଣୀକୁ ବିନା କାରଣରେ ଟାଣ ଟାଣ କରି କଥା କହିଲା । ସାନଭାଇ ଉପରକୁ ଚିଡ଼ିଯାଇ ଖିଙ୍କାରି ଉଠିଲା କ'ଣ ଟିକେ ଭୁଲ ପାଇଁ । ସବୁଠାରୁ ଅଧିକ ମାଂସ ତରକାରି ସେଦିନ ତା' ଭାଗରେ ପଡ଼ିଥିଲେ ବି ଶୋଇବାକୁ ଗଲାଯାଏଁ ସେ ସେଇକଥା କେବଳ କହିହେଲା - ''ମତେ ବହୁତ କମ୍ ମାଂସ ଦିଆ ହେଉଚି । ମୁଁ ଏତେ କାମ କରି ସବୁ ଆଣୁଚି ଘରକୁ, ତମେ ସବୁ ଘରେ ବସି ବସି କେବଳ ଖାଉଚ ।''

ଏଭଳି କଥା ଶୁଣି ମଇତାର ମାଆ ବଡ଼ ମନଦୁଃଖ କଲେ । କିନ୍ତୁ କିଛି କହି ପାରିଲେନି । ସାନ ଭାଇଟି, ମୁହଁ ଶୁଖେଇ ଶୋଇ ପଡ଼ିଲା କେତେବେଳେ ।

ରାତିରେ ଶୋଇ ଏଣୁ ତେଣୁ ଭାବୁ ଭାବୁ ଅଜବ୍ କଥାମାନ ମଇତା ମୁଣ୍ଡରେ ଜୁଟିଲା । ସେ ଭାବିଲା ଗାଆଁ ଲୋକଙ୍କ ସାଙ୍ଗରେ ଯାଇ ସାପ ଧଇଲେ ତା'ର କ'ଣ ବା ଲାଭ ? ସବୁ ସାପ ସିଏ ଧରିବ, ଅଥଚ ଗାଁ ଲୋକମାନେ ତାର ଫାଇଦା ନେବେ । ଯଦି ସେ ଏକା ସାପ ଧରିବାକୁ ଯାଆନ୍ତା ତେବେ ସବୁଯାକ ସାପ ତା'ର ନିଜର ହୁଅନ୍ତେ । ସାପ ବିକି ସେ ବହୁତ ପଇସା ପାଆନ୍ତା । ଅଳ୍ପ ଦିନରେ ଗାଁର ସବୁଠାରୁ ବଡ଼ ଧନୀ ହୋଇ ଯାଆନ୍ତା । ପାହାଡ ତଳେ ବହୁତ ଜମିବାଡ଼ି କିଣି ଜଣେ ଜମିଦାର ପରି ଚଳନ୍ତା ସେ । ଘୋଡ଼ା ଚଢ଼ି ବୁଲନ୍ତା । ତାକୁ ଡରନ୍ତେ ସମସ୍ତେ ।

ଏଇମିତି ଭାବୁ ଭାବୁ ନିଦ ମାଡ଼ି ଆସିଲା ମଇତାର ଆଖିକୁ । ତା' ପରଦିନ ସକାଳୁ ଯେତେବେଳେ ଗାଁ ଲୋକେ ମଣିଚୂଡ଼ ପାହାଡ଼କୁ ଯିବା ପାଇଁ ମଇତାକୁ ଡାକିଲେ, ସେ ସମସ୍ତଙ୍କୁ ରୋକ୍‌ଠୋକ୍ ମନା କରି ଦେଲା । ଯିଏ ଯେତେ ବୁଝେଇଲେ କିଛି ଶୁଣିଲାନି । ଗାଆଁ ମୁଖିଆଙ୍କ କଥା ବି ରଖିଲାନି ମଇତା । ତା'ର ସବୁଠାରୁ ବଡ଼ ସାଙ୍ଗ 'ହେଟୁ' ଯେତେବେଳେ ହାତ ଧରି ଭିଡ଼ିଲା, ସେ ଛିଞ୍ଚାଡ଼ି ଦେଲା ହାତକୁ । କହିଲା ଏଣିକି ମୁଁ ଏକା ଯିବି ସାପ ଧରିବା ପାଇଁ । ସାପ ଧରିବାକୁ ହେଲେ ମୋର ଗାଆଁ ଲୋକଙ୍କର ସାହଯ୍ୟ ଲୋଡ଼ିବା ଦରକାର ନାହିଁ । ''ମୁଁ ସାପ ଧରିବି, ଦେଖିଲା ବେଳକୁ କଣନା ସେଥିରେ ସାରା ଗାଆଁଟା ଯାକର ଭାଗ ।''

''ଗାଆଁ ଫାଆଁ ମୋର କେହି କିଛି ନୁହଁ । ମୁଁ ଏଣିକି ସାପ ଏକା ଧରିବାକୁ ଯିବି । କାହା ସାଙ୍ଗରେ ମିଶିବା ମୋର ଦରକାର ନାହିଁ''।

ଗାଆଁ ଲୋକେ ସବୁ ମନ ଦୁଃଖ କରି ଫେରିଗଲେ ।

ମଇତାର ଏଭଳିଆ କଥା ତାର ମାଆ ଶୁଣିଲେ । ସେ ଧାଇଁ ଆସିଲେ ତା'କୁ ବୁଝେଇବା ପାଇଁ । ହେଲେ ସେ କୋଉ ଶୁଣୁଚି ? ତା'ର ତ ଧନୀ ହେବାରେ ମନ । ଜମିବାଡ଼ି କିଣିବା ପାଇଁ ଇଚ୍ଛା ।



ମାଆ ବୁଝେଇଲେ - '' ସବୁବେଳେ ମିଳିମିଶି ଚଳିବା ଭଲ । ଗାଆଁ ଲୋକଙ୍କ ସହ ଏକାଠି ରହିଲେ ସିନା ବିପଦ ଆପଦରେ କିଏ ସାହା ହବ । ନ ହେଲେ କେହି ପଚାରିବେନି ଅସଲ ଦରକାର ବେଳକୁ । ସାପ ଧରା କାମ ଏକା କରିବା ବିପଦ ।'' ମଇତା ମୁଣ୍ଡ ଉପରେ ହାତ ବୁଲେଇ ସେ କହିଲେ -''ସେପଟ ଜଙ୍ଗଲରେ ବହୁତ ବଡ଼ ବଡ଼ 'ରାଘବା' ସାପ ଅଛନ୍ତିରେ ବାପ । ତାଙ୍କୁ ଦୁଇ ତିନି ଜଣ ବି ଧରିବା କଷ୍ଟ । ସେଥିପାଇଁ ଜାଲ ଫୋପାଡ଼ି ସେ ସାପଙ୍କୁ କାବୁ କରିବାକୁ ପଡ଼େ । ଯେତେ ସାହାସୀ ହେଲେ ବି ଜଣେ ଏକାଏକା ସେମାନଙ୍କର କିଛି କରିପାରିବନି । ତାହା ଛଡ଼ା ସବୁଦିନେ ସମାନ ଯାଏନି । କେବେ ଯଦି ଜଙ୍ଗଲରେ ଆଉ କୋଉ ବିପଦ ଆପଦ ପଡ଼ିବ, ତେବେ ଏକା ଥିଲେ ସେଥିରୁ ମୁକୁଳିବା କାଠିକର ପାଠ । ସେଥିପାଇଁ ଜଙ୍ଗଲରେ ମେଳ ହୋଇ କାମ କରିବା ଦରକାର । ଗାଆଁ ଲୋକଙ୍କ ସାଙ୍ଗରେ ମିଳିମିଶି ଚଳିଲେ ସିନା ଦରକାର ବେଳେ କିଏ ସାହା ହବ । ଗାଆଁ ଆମର । ଗାଆଁ ଲୋକେ ଆମ ନିଜ ଘରର ଲୋକଭଳି । ତାଙ୍କଠାରୁ ଅଲଗା ହେବା କ'ଣ ଭଲ କଥା'' ?

ଏଇମିତି କେତେ କଥା କହି ମଇତାକୁ ମାଆ ଆକଟ କଲେ । ଗାଆଁ ଲୋକଙ୍କ ସହ ମିଳିମିଶି ସାପ ଧରିଯିବାକୁ ତାକୁ ଅନେକ ବୁଝେଇଲେ । ହେଲେ ମଇତା ମା' କଥାକୁ ଟିକିଏ ବି ଖାତର କଲାନି । ଓଲଟି ବେପରୁଆ ଭାବେ ହସରେ ଉଡ଼େଇ ଦେଲା । ଶେଷରେ ''ଜଙ୍ଗଲ ବିଷୟରେ ତୁ କିଛି ଜାଣିନୁ'' କହି, ମୁହଁ ବୁଲେଇ ସେ ଉଠି ପଡ଼ିଲା ବସିବା ଥାନରୁ ।

Digitized by srujanika@gmail.com

ସେଇଠୁ ସେ ନାକ ସିଧା ଚାଲିଲା ଜଙ୍ଗଲ ଆଡ଼େ । ଡାହାଣ ହାତରେ ନାଗେଶ୍ୱରୀ । ବାଁ ହାତରେ ଗୋଟାଏ ବର୍ଚ୍ଛା । କାନ୍ଧରୁ ଗୋଟେ ଶିକାରେ ଝୁଲିଥାଏ ଦୁଇ ତିନିଟା ପେଡ଼ି, ପିଠି ଉପରେ । ସେ ଚାଲିଥାଏ ଏକା ଏକା ।

ସେଦିନ ମଇତାର ଏମିତିକା ଯୋଗ ଯେ ଜଙ୍ଗଲରେ ଗୋଟେ ହୁଙ୍କା ପାଖରେ ପହଞ୍ଚି ନାଗେଶ୍ୱରୀ ବଜୋଉ ବଜୋଉ ବାହାରି ଆସିଲେ ଦୁଇଟି ସୁନ୍ଦର ସୁନ୍ଦର ନାଗ ସାପ । ଦେଖିବାକୁ ସୁନା ପରି ଚିକ୍ ଚିକ୍ ହଳଦିଆ ରଙ୍ଗ । ଆଖିରୁ ଯେମିତି ଖସି ପଡୁଚି ନିଆଁ ଝୁଲମାନ । ବାଇଗଣି ରଙ୍ଗର ଜିଭମାନ ନିଆଁଶିଖା ପରି ହଲି ଯାଉଚି ଲହ ଲହ ହୋଇ ।

Digitized by srujanika@gmail.com

ଖୁବ୍ ସହଜରେ ସେ ଧରିନେଲା ଦୁଇଟିଯାକ ସାପଙ୍କୁ । ପୁଣି ଆଉ ଗୋଟେ ଜାଗାରେ ସେ ପାଇଲା ଆଉ ଦୁଇଟା କୋଳଥିଆ ପାହାଡୀ ଗୋଖର । ଶେଷରେ ଖୋଜୁ ଖୋଜୁ ମଇତାର ହାବୁଡ଼େ ପଡ଼ିଗଲା ଗୋଟେ ଶଙ୍ଖଚୂଡ଼ । ଏତେ ସହଜରେ ଏମିତି ଗୋଟେ ମଣିଥିବା ଶଙ୍ଖଚୂଡ଼ ପାଇବ ବୋଲି ମୋଟେ ଭାବି ନଥିଲା ସେ । ଏଭଳି ସାପର ଦାମ୍ ଅନ୍ୟ ଅନେକ ସାପଙ୍କ ଠାରୁ ଢେର୍ ବେଶି । ମାସ ମାସ ଧରି ଚେଷ୍ଟା କଲେ ବି ଶଙ୍ଖଚୂଡ଼ ସାପଟିଏ ପାଇବା ସୋଘା ଗାଆଁର ସବୁ ସାପୁଆ କେଳାଙ୍କ ପାଇଁ କଷ୍ଟ ହୋଇପଡ଼େ ।

ଏଣିକି ମଇତା, ଜଙ୍ଗଲକୁ ସାପ ଧରିବା ପାଇଁ ଏକା ଏକା ଯାଏ । ଗାଁ ଲୋକେ ଯାଆନ୍ତି ଗୋଟେ ଆଡେ, ସିଏ ଯାଏ ଆଉ ଗୋଟେ ଆଡ଼େ । ହେଲେ କେବେ କେବେ ଗାଆଁ ଲୋକେ ଖାଲି ହାତରେ ଫେରନ୍ତି ସିନା, ମଇତା କିନ୍ତୁ ସବୁବେଳେ ପେଡ଼ି ଭର୍ତ୍ତି କରି ଫେରେ । ଦିନକୁ ଦିନ ମଇତାର ବହପ ଅଧିକରୁ ଅଧିକ ବଢ଼ିଯାଉଥାଏ ।

ଗାଆଁ ଲୋକେ କିନ୍ତୁ ହଇରାଣ ହେଉଥାଆନ୍ତି । ଏତେ ଲୋକ ଯାଇ ବି ସେମାନଙ୍କୁ ଭଲ ସାପଟିଏ ଜୁଟେନା । ସମସ୍ତେ ଜାଣି ପାରୁଥାଆନ୍ତି ମଇତା ଉପରେ ପୂରା ଭରସା କରି ଆଜି ସେମାନେ ଏତେ ହଇରାଣ ହେଉଛନ୍ତି । ମଇତା ପରି ମିଠାଲିଆ ସ୍ୱରରେ ନାଗେଶ୍ୱରୀ ବଜେଇ ସାପମାନଙ୍କୁ ଗାତରୁ ବାହାରି କରି ଆଣିବା ଭଳି କେହି ପାରିଲା ଲୋକ ଆଉ ନଥିଲେ ସେମାନଙ୍କ ଭିତରେ । ସେଇଥିପାଇଁ ଏତେ ସବୁ ହିନସ୍ତା ।

Digitized by srujanika@gmail.com

ସବୁରି ମନରେ ଭାଳେଣି । ତେବେ କରିବା କ'ଣ ?

କେତେ ଜଣ ପ୍ରସ୍ତାବ ଦେଲେ, ଚାଲ ସାକୁଲା ସାକୁଲି କରି ମଇତାକୁ ଆମ ଗହଣକୁ ଫେରେଇ ଆଣିବା । ଯାହା ମିଳିବ, ଅଧା ପଛକେ ସେ ନେଉ, କିନ୍ତୁ ଆମ ସହିତ ସାମିଲ ହୋଇ କାମ କରୁ । ହେଲେ ଗାଆଁରୁ ଅନ୍ୟ ଯୁବକମାନେ ମୋଟେ ରାଜି ହେଲେନି ଏ କଥାରେ । ଆଗରୁ ସେମାନେ ଖୁବ୍ ବୁଝେଇ ଡାକିଥିଲେ ତାକୁ । କିନ୍ତୁ ତାର ବେପରୁଆ ଢଙ୍ଗ ଓ ମନ ମୋଟିଆ କଥା ଗାଆଁର ଯୁବକମାନଙ୍କୁ ବାଧିଥାଏ ଖୁବ୍ ।

Digitized by srujanika@gmail.com



ଶେଷରେ ଗାଆଁ ଲୋକେ ଠିକ୍ କଲେ ଯେ ସେମାନେ କେତେ ଜଣ ନୂଆ ଯୁବକଙ୍କୁ ଭଲ ନାଗେଶ୍ୱରୀ ବଜେଇବା ଓ ଜାଲ ଫିଙ୍ଗିବା ଆଦି କାମ ନିଠେଇ କରି ଲାଗିପଡ଼ି ଶିଖେଇବେ । ଏଇ କେତେ ମାସ ସେମାନେ ଅନ୍ୟମାନଙ୍କ ଭଳି ଆଉ କୋଉ କାମରେ ନ ଯାଇ କେବଳ ଦିନ ରାତି ସେସବୁ ଅଭ୍ୟାସ କରିବେ । ''ମନ ଲଗେଇ ଅଭ୍ୟାସ କଲେ କୋଉ କାମ ଅବା ହାସଲ ନ ହେବ ? 'ମଇତା' କ'ଣ ମାଆ ପେଟରୁ ଏସବୁ ଶିଖିଥିଲା ? ତୁମେ-ମାନେ ମନମୁନ ଲଗେଇ ଏକା ଲୟରେ ସବୁ ଜିନିଷ ଅଭ୍ୟାସ କଲେ ଦିନେ ମଇତାକୁ ଟପିଯିବ ।'' ଏଇଭଳି ମନଜିଣା କଥା କହି ଗାଆଁର ପୁରୁଖା ବୁଢ଼ା ବୁଢ଼ାଳିଆ ଲୋକମାନେ ଶିଖେଇବାରେ ଲାଗିଲେ ଗାଆଁର ଯୁବକମାନଙ୍କୁ ।

ଗାଆଁରେ ଏଣେ ଚାଲିଥାଏ ଯୁବକମାନଙ୍କର ତାଲିମ୍ । ନାନା ଫନ୍ଦି ଫିକର କରି, କଳେ ବଳେ ଜଙ୍ଗଲର ବିଭିନ୍ନ ଜାଗାରେ ମୂଷା ବାନ୍ଧି, ଜାଲ ପକେଇ ଓ କିସମ କିସମ ଜଡିବୁଟି ଆଦି ବ୍ୟବହାର କରି ଗାଆଁ ଲୋକେ ସାପ ଧରିବାକୁ ଚେଷ୍ଟା କଲେ । ଯେମିତି ହଉ ପଛେ ଯୁବକମାନେ ଭଲ ତାଲିମ ପାଇବା ପର୍ଯ୍ୟନ୍ତ ସେମାନଙ୍କୁ ଅଳପ ହଉକି ବହୁତ ହଉ ସାପ ଧରା କାମ ଚଳେଇବାକୁ ପଡ଼ିବ ।

ଏକ ମନ ଏକ ପ୍ରାଣ ହୋଇ କାମ କଲେ କୋଉ ଅସାଧ୍ୟ ଅବା ସାଧନ ନହୁଏ ?

ଦିନ ପରେ ଦିନ ଧରି ନାନା କୌଶଳ କରିବାରୁ ଗାଆଁ ଲୋକମାନେ ଏଣିକି ଅଧିକ ସାପ ଧରି ପାରିଲେ । ଦେଖାଗଲା, ସବୁରି ଭିତରେ ଯେମିତି ଗୋଟାଏ ନୂଆ ସାହସ ଦେଖା ଦେଉଚି ।

Digitized by srujanika@gmail.com

ତାଙ୍କ ଭିତରେ ଏ ମନୋବଳ ଯୋଗୁଁ ସେମାନେ 'ମଇତା'କୁ ଆଉ ନ ହେଲେ ନ ଚଳେ ବୋଲି ବିଚାରିଲେ ନାହିଁ ।

ଏପଟେ ପାଞ୍ଚ ସାତ ମାସ ଭିତରେ ଦିନରାତି ଲାଗିପଡ଼ି ଅଭ୍ୟାସ କରୁଥିବା ଯୁବକମାନେ, ନାଗେଶ୍ୱରୀ ବଜେଇବା ଅତି ଭଲ ଭାବରେ ଶିଖିଗଲେ । ବିଶେଷ କରି ସେମାନଙ୍କ ଭିତରୁ 'ପେଲ୍‌ଟୁ' ଓ 'ଲାକ୍‌ରା' ଅତି ମନମତାଣିଆ ଭାବରେ ନାଗେଶ୍ୱରୀ ବଜେଇ ପାରୁଥିଲେ ଏଣିକି ।

Digitized by srujanika@gmail.com

ସେଇଭଳି ବହୁ ଦୂରରୁ ଜାଲ ଫୋପାଡ଼ି ସାପ ଧରିବାରେ ଖୁବ୍ ଦୋରସ୍ତ ହୋଇଗଲା 'ହେଟୁ' । ଏପରିକି ଶହେ ଫୁଟ ଦୂରରୁ ଫୋପାଡ଼ି, ବାର ହାତ ଲମ୍ବର ସାପକୁ କାବୁ କଲା ଭଳି ଦକ୍ଷତା ସେ ଅଭ୍ୟାସ କରିନେଲା ।

'ସୋଘା' ଗାଆଁ ଲୋକଙ୍କର ସାପ ଧରିବା ସିନା ଅସଲ ବେଉସା, ହେଲେ ବର୍ଷ ସାରା କୋଉ ଅବା ସାପ ଧରାହୁଏ ?

ସାପ ଧରିବାର ଅସଲ ବେଳ ହେଲା ଶରତ ଋତୁର ଦୁଇ ତିନି ମାସ । ଠିକ୍ ବର୍ଷା ପରେ ପରେ, ହିମ କାକର ଝଡ଼ିବା ଯାଏଁ । ଏଇ ବେଳକୁ ନାନା ରକମର ସାପ ଆସି ଜୁଟନ୍ତି ମଣିଚୂଡ଼ ପାହାଡ଼ରେ । କୁଆଡୁ ଏତେ ରକମର ସାପ-ସବୁ ଆସନ୍ତି କେଜାଣି ?

ଅବଶ୍ୟ ସଂଖ୍ୟାରେ କମ୍‌ହେଲେ ବି ବସନ୍ତ ଋତୁରେ ମଧ୍ୟ ସାପ ଧରା ହୁଅନ୍ତି । ଜାତିଆ ଓ ମୂଲ୍ୟବାନ୍ ସାପ ମଧ୍ୟ ଏଇ ସମୟରେ ମିଳିଯାଆନ୍ତି ।

ତେଣୁ ଶରତ ଋତୁ ଓ ବସନ୍ତ ଋତୁକୁ ଛାଡିଦେଲେ ବର୍ଷର ଆଉ ଅନ୍ୟ ସମୟରେ, ସୋଘାର ଲୋକ ଅଳ୍ପ କିଛି ପାହାଡି ଚାଷ ଓ ଶିକାର ଆଦି କରି ଚଳନ୍ତି । ଜଙ୍ଗଲ ବୁଲି ଟୁଙ୍ଗା, କଡ଼ବା, କରିଡ଼ ଓ ଛତୁ ଆଦି ଗୋଟେଇ ଆଣି ବେଳେ ବେଳେ ଶୁଖେଇ ସେମାନେ ସାଇତି ରଖନ୍ତି ସମୟ ଅସମୟ ପାଇଁ । କିନ୍ତୁ ତାଙ୍କର ମୂଳଚିନ୍ତା ଯାଇ ସବୁବେଳେ ଥାଏ ସାପ ଧରାରେ ।

ସେ ବରଷ ଏମିତି ସେମିତି ହୋଇ ବସନ୍ତ ଋତୁ ସରିଲା । ଦୁଃଖେ ସୁଖେ ଯେ ଯାହାର କାମରେ ଲାଗିଥାନ୍ତି ସଭିଏଁ ।

ଗାଆଁଲୋକଙ୍କଠାରୁ ମଇତା ଅଲଗା ହୋଇଯିବା ଲାଗପାଟ ପ୍ରାୟ ବରଷେ ଖଣ୍ଡେ ହୋଇଗଲାଣି ।

Digitized by srujanika@gmail.com

ସୋଘାର ଲୋକେ ଲାଗିପଡ଼ିଥାନ୍ତି ନାଗେଶ୍ୱରୀ ଫୁଙ୍କିବା, ମନ୍ତ୍ର ଓ ଗୀତକୁ ରସେଇ ସୁର୍ କରି ଗାଇବା ଓ ଜାଲ ଫୋପାଡ଼ିବା ଆଦି କାମରେ । ଜଡିବୁଟି, ଓଷଦ ମୋଷଦ ବି ଖୋଜା ଚାଲିଥାଏ ବଣରୁ । ଖରା ବର୍ଷା ସବୁଦିନେ ଏକଲୟ ହୋଇ ଲାଗିଥାଆନ୍ତି ଗାଆଁର ଯୁବକମାନେ ।

ଶରତ ଋତୁ ଯେତିକି ପାଖେଇ ଆସୁଥାଏ, ସେତିକି ସେତିକି ଏକମନ ଏକ ଦେହ ହୋଇ ଲାଗିଥାଆନ୍ତି ସେମାନେ ।

ଏଣେ ମଇତା ବି ହଟି ନଥାଏ ପଛକୁ । ସେ ଲାଗିଥାଏ ଅଧିକରୁ ଅଧିକ ପେଡ଼ି ତିଆରି କରିବାରେ, ଜାଲ ବୁଣିବାରେ ଆଉ ନାଗେଶ୍ୱରୀ ବଜେଇବାରେ । ଗତ ବସନ୍ତ ଋତୁରେ·ତା'ର ଭଲ ଦି' ପଇସା ରୋଜଗାର ହେଇଚି । ସେ ସେଥିରେ ପାଗଳ । ପଇସା କେମିତି ଠୁଳ କରି, ଆହୁରି ବଢ଼େଇ ସେ ଘୋଡ଼ା ଚଢ଼ିବ, ସେଇ ତାର ଚିନ୍ତା ।

ଶରତ ଋତୁ ଆସିଲା । କେଡ଼େ ସୁନ୍ଦର ନୀଳ ଦିଶିଲା ଆକାଶ । ମେଘମାନେ ଲୁଚିଗଲେ କୁଆଡ଼େ । ଧୋବ ମାଳତୀ ଫୁଲ ପରି ଗାଆଁ ଦାଣ୍ଡରେ ଚମକିଲା ଜହ୍ନରାତି । କଅଁଳ ଖରା ଅଜାଡ଼ି ହେଲା ନିତି ସକାଳେ । ସୋଘାର ଲୋକେ ସଜବାଜ ହେଲେ ମଣିଚୂଡ଼ ପାହାଡ଼କୁ ଯିବାପାଇଁ ।

'ମଇତା' ବି ବାହାରିଲା ତା'ର ପେଡ଼ି ପୁଟୁଳା ଧରି । ହେଲେ ଗାଆଁ ଲୋକେ ଗଲେ ଗୋଟେ ଆଡ଼େ ତ ମଇତା ଗଲା ଆଉ ଗୋଟେ ଆଡ଼େ ।

Digitized by srujanika@gmail.com

ଗାଆଁ ଲୋକେ ଆଉ ଗତ ଥର ପରି ସେତେ ହଇରାଣ ହେଲେନି । ଯୁଆଡ଼କୁ ଯାଉଥାଆନ୍ତି ସବୁ ସହଜ ଲାଗୁଥାଏ ସେମାନଙ୍କୁ ଏଣିକି ।

'ପେଲଟୁ', 'ଖଲଟୁ' ଓ 'ଲାକରା' ନାଗେଶ୍ୱରୀ ବଜେଇ ସାପମାନଙ୍କୁ ଗାତ ଭିତରୁ ବାହାରକୁ ଆଣିଲା ବେଳକୁ 'ସୋଟା' 'ଘେକୋ' ଓ 'ରାମ୍ବା' ପରି ପୁରୁଖା ଲୋକମାନେ ସେମାନଙ୍କୁ କାବୁ କରିନିଅନ୍ତି । କୋଉ ଗୋଟିଏ ବି ସାପ ସେମାନଙ୍କ ହାବୁଡ଼ରୁ ଖସିଯିବା ମୁସ୍କିଲ୍ ।

Digitized by srujanika@gmail.com

ଏଥରକ ମଇତା କିନ୍ତୁ ଗୋଟେ ନୂଆ ଫନ୍ଦି କରିଥାଏ । ଲାଉ ତୁମ୍ବାରେ କେମିତି ଭଲ ନାଗେଶ୍ୱରୀ ତିଆରି କରି ହେବ ସେ କଥା ତାକୁ ଜଣା । ସେଇ ବର୍ଷ ବରଷା ସମୟ-ଯାକ ଲାଗିପଡ଼ି ସେ ଗୋଟେ, ବଢ଼ିଆ ନାଗେଶ୍ୱରୀ ତିଆରି କରିଥାଏ । ଗୋଟାଏ ହାଣ୍ଡି ଭଳିଆ ଏଡ଼େ' ଲାଉ ତୁମ୍ବାରେ ସରୁ ସରୁ ବାଉଁଶ ନଳୀ ଦେଇ ସେ ସଜାଡ଼ି



ଥାଏ ସେ ନାଗେଶ୍ୱରୀକୁ । ଉପରେ ଲାଖର ବେଣୀପଡ଼ି ଚପା ହୋଇଥାଏ ନାନା ଜାତି ହରରଙ୍ଗୀ ପଥର, କଉଡି, ଓ ପଇସା । ଗୋଁଟେ ସାଧାରଣ ନାଗେଶ୍ୱରୀ ଠାରୁ ତାର ସୁର୍ ସାତ ଆଠ ଗୁଣ ଅଧିକ ।

ମଇତା ସେ ନାଗେଶ୍ୱରୀର ନାଆଁ ଦେଇଥାଏ - 'ତୁମ୍ବା ନାଗେଶ୍ୱରୀ'। ସେ ନାଗେଶ୍ୱରୀକୁ ଫୁଙ୍କିଲେ ପାଖଆଖ ଅଞ୍ଚଳ କମ୍ପିଯାଏ ଗୋଟେ ନୂଆ ଲହରରେ ଝାଇଁଝାଇଁ ହୋଇ । କୋଉ କୋଣେ ଦୂରରେ ସାପ ଗାତ ଭିତରେ ନିଘୋଡ଼ ନିଦରେ ଶୋଇଥିଲେ ବି ସେଇ ସୁର୍ ପଡ଼ିବ ଯାଇ କାନରେ ।

ମଇତାର ଏ ନୂଆ ନାଗେଶ୍ୱରୀ କଥା କିନ୍ତୁ କେହି ଜାଣିନଥାନ୍ତି । ଜାଣି ଜାଣି ସେ କାହାକୁ ଦେଖେଇ ନଥାଏ ତା'ର 'ତୁମ୍ବା ନାଗେଶ୍ୱରୀ' । ଏପରିକି ସେ ତାର ସବୁଠୁ ବଡ଼ ସାଙ୍ଗ 'ହେଟୁ'କୁ ବି କିଛି କହି ନଥାଏ ଏ ବିଷୟରେ ।

Digitized by srujanika@gmail.com

ମଇତା ଜଙ୍ଗଲକୁ ଗଲାବେଳେ ଗୋଟାଏ ବଡ଼ ଗାମୁଛାରେ ସେ ନାଗେଶ୍ୱରୀକୁ ଘୋଡ଼େଇ ପୋଡ଼େଇ ନେଇଯାଏ ହାତରେ । ବଣ ଭିତରେ ପହଞ୍ଚି ଅଳ୍ପ କିଛି ସମୟ ବଜୋଉ ବଜୋଉ ତାକୁ ମିଳି ଯାଆନ୍ତି ଚାରି ଛଅଟା ସାପ । ବେଶି ମେହନତ କରିବା ଆଉ ଦରକାର ପଡ଼େନା ।

ତେଣୁ ଦିନକୁ ଦିନ ମଇତା ବେପରୁଆ ହେବାକୁ ଲାଗିଲା । କୋଉ କଥାକୁ ଆଉ ଖାତିର ନଥାଏ ତାର ।

Digitized by srujanika@gmail.com

ଭଲ ଭଲ କିସମର ସାପ ପାଇବ ବୋଲି ସେ ଏକା ଏକା ଏବେ ଘୋର ଜଙ୍ଗଲ ଭିତରକୁ ପଶିଲା ।

ଗାଆଁରେ କେବେ କେମିତି କେହି ଯଦି ତାକୁ ତା'ର ସାପଧରା ବିଷୟରେ ପଚାରେ, ତେବେ ସେ ଛାତି ଫୁଲେଇ କହେ ଯେ, ମୁଁ ଗୋଟେ ନୂଆ ମନ୍ତ୍ର ଶିଖିଛି ଏବେ । ସେ ମନ୍ତ୍ର ଯୋଉ ସାପର କାନରେ ପଡ଼ିବ, ସେ ପାତାଳରେ ଯାଇ ଲୁଚିଥିଲେ ବି ମୋ ପାଖକୁ ଦଉଡ଼ି ଆସିବାକୁ ଡର ପାଇବନି ।

Digitized by srujanika@gmail.com

ଏଇମିତି କହୁ କହୁ ଆଖି ନଚାଇ ମଇତା କହେ, ଚାହିଁଲେ ମୁଁ ବାସୁକୀ ସାପକୁ ମଧ୍ୟ ପାତାଳରୁ ଧରିଆଣି ପାରେ ।

ତା'ର ଏଭଳି ବଡ଼ ବଡ଼ କଥା ଶୁଣି କେହି କିଛି କହନ୍ତି ନାଇଁ । ହେଟୁ ମଧ୍ୟ ସବୁ ଶୁଣି ନ ଶୁଣିଲା ଭଳି ରହେ ।

ସମସ୍ତେ ଜାଣନ୍ତି ମଣିଚୂଡ଼ ପାହାଡ଼ର ଉତ୍ତର-ପଟ ଭୀଷଣ ଜଙ୍ଗଲରେ ବହୁତ ବଡ଼ ବଡ଼ ରାଘବା ସାପ ଅଛନ୍ତି । ସେମାନଙ୍କୁ ଧରିବା କେବଳ କଷ୍ଟ ନୁହେଁ, ଭୟଙ୍କର ମଧ୍ୟ । ସେଭଳି ସାପର ହାବୁଡ଼େ ପଡ଼ିଲେ ଏକା ଏକା ମଣିଷ ମୁକୁଳିବା କାଠିକର ପାଠ । ବେଳେ ବେଳେ ସେ ସାପମାନଙ୍କ ଭିତରୁ ଗୋଟେ ଦୁଇଟା ଦକ୍ଷିଣ ପଟ ପତଳା ଜଙ୍ଗଲକୁ ପଳେଇ ଆସନ୍ତି । ହେଲେ ନାଗେଶ୍ୱରୀ ସୁର୍‌ରେ ଭଳିଯିବା ସାପ ନୁହନ୍ତି ସେମାନେ । କେବଳ ନିଆଁ ହୁଳା ଦେଖିଲେ ଯାଇ ଫେରି ଯାଆନ୍ତି ପଛକୁ । ନ ହେଲେ ନିସ୍ତାର ନାଇଁ ।

Digitized by srujanika@gmail.com

ଦକ୍ଷିଣ ପଟ ଜଙ୍ଗଲ ତଳକୁ ସୋଘା ଗାଆଁ । ସେଇଠି ଗାଆଁ ମଝିରେ ଧୂନି ଚାଲେ । ନିଆଁର ଶିଖା ଉଠେ ଉପରକୁ । ପୁଣି ଗାଆଁ ମୁଣ୍ଡରେ ନିଆଁ ଜାଳି ବାଘ ଭାଲୁଙ୍କୁ ଦୂରେଇ ରଖିବା ଗାଆଁ ଲୋକଙ୍କର ନିତି ଦିନିଆ କାମ । ତେଣୁ ରାଘବା ସାପମାନେ ମଣିଚୂଡ଼ ପାହାଡ଼ର ସନ୍ତସନ୍ତିଆ ଉତ୍ତରପଟ ଛାଡ଼ି କେବେ ଦକ୍ଷିଣ ପଟକୁ ଆସନ୍ତି ନାଇଁ । କେବେ କେମିତି ଭୁଲ୍‌ରେ କୋଉ ସାପ ଆସିଥିଲେ ବି ଫେରିଯାଏ ଅଳ୍ପ ସମୟ ଭିତରେ ।

ଗାଆଁଟା-ଯାକ ଭିତରୁ କିଏ ଦୁଇ ଚାରିଜଣ ସେ ପ୍ରକାର ସାପକୁ ଦୂରରୁ କେବେ କେମିତି ଦେଖିଥିବେ ସିନା ନହେଲେ ନାଇଁ ।

ଗାଆଁର ବୁଢ଼ା 'ନୋବୁ' କହୁଥିଲା, ରାଘବା ସାପର ମୁହଁଟା କୁଆଡ଼େ ଗୋଟେ ପାଛିଆ ପରି ଏଡ଼େ ମେଲା ।

Digitized by srujanika@gmail.com

ରାଘବା ସାପର ଦସ୍ତୁର ହେଲା ସେ ମଣିଷର କଥାଭାଷା ଓ ନିଆଁଠାରୁ ଦୂରରେ ରହିବ । କିନ୍ତୁ ଯଦି କେହି ଦୈବାତ୍ ସାମ୍‌ନାରେ ହାବୁଡ଼ି ଗଲା କି ସେ ଯାଉଥିବା



ବା ଚଳପ୍ରଚଳ ହଉଥିବା ଇଲାକାରେ ଜବରଦସ୍ତ ପଶିଲା, ତେବେ ସେ ତାକୁ ଛାଡ଼ିବନି । ପୁଣି ଛୁଆକୁ ଜଗିଥିବା ମାଈ ରାଘବାସାପ ସବୁଠାରୁ ଭୟଙ୍କର । ଦରକାର ପଡ଼ିଲେ ବାଘକୁ ମଧ୍ୟ ଛାଡ଼ିବନି ସେ ।

Digitized by srujanika@gmail.com

ଦିନେ ଏଇମିତି ଏକା ଏକା ମଇତା ଚାଲିଲା ମଣିଚୂଡ଼ ପାହାଡ଼କୁ । ପିଠିରେ ଗାମୁଛା ଭିତରେ ଗୁଡ଼େଇ ହୋଇ ପଡ଼ିଥାଏ ତୁମ୍ବାନାଗେଶ୍ୱରୀ । ଗୋଟିଏ ହାତରେ ତାର ଜଡ଼ିବୁଟିର ପୁଟୁଳା ଗୋଟେ ଶିକାରେ ଓହଳିଥାଏ । ଆର ହାତରେ ଭାଲି । ଦୁମ୍ ଦୁମ୍ ହୋଇ ସେ ଚାଲିଥାଏ ଆଗକୁ ।

ଗାଆଁ ଲୋକଙ୍କର ଦଳ ସେତେବେଳକୁ ବାହାରି ସାରିଥାନ୍ତି, ଅନେକ ଆଗରୁ ।

Digitized by srujanika@gmail.com

ଅଶିଣ ମାସର ସକାଳୁଆ ଖରା ବିଛାଡ଼ି ପଡ଼ିଥାଏ ଗଛପତ୍ର ଉପରେ । ଜଂଗଲଟା ସାରା ଚୁପ୍‌ଚାପ୍ । ସୋର ନାହିଁ କି ଶବଦ ବି ନାହିଁ । କ'ଣ ଯେମିତି ବୁଡ଼େଇ ରଖିଚି ସାରା ବଣ ଭୂଇଁକୁ । କୋଉଠି ଟିକିଏ ବୋଲି କୁଁ କାଁ ବି ନାଇଁ ।

କି ଭୀଷଣ ଜଙ୍ଗଲ ! କୋଉ କାଳରୁ ବୁଢ଼ା ବୁଢ଼ା ଗଛମାନେ ମୁଣ୍ଡ ଟେକି ଠିଆ ହୋଇଚନ୍ତି ବଣଟା ସାରା । ଛନ୍ଦାଛନ୍ଦି ହୋଇ ମାଡ଼ିଚନ୍ତି ଗଛଲତା । ସବୁଆଡ଼େ ଗାଢ଼ ସବୁଜ ରଂଗର ଅନ୍ଧାର । ଯୁଆଡ଼କୁ ଚାହିଁବ ସିଆଡ଼େ ଖାଲି ପତ୍ର ଆଉ ପତ୍ର ।

ମଇତା କଣ୍ଟା ଝଟା ଡେଇଁ ଚାଲିଥାଏ ଭିତରକୁ ଭିତରକୁ । ଚାରିଆଡ଼େ ଗଛଲତା ଗହଳ । ଛାଇ ଛାଇ ଆଲୁଅ ଅନ୍ଧାର । ସେମିତି ଚାଲିଥାଏ ସେ, କୁଆଡ଼େ ଦୂର ଜାଗାକୁ ଗଲା ଭଳି । କେତେବେଳେ ଦକ୍ଷିଣ ପଟ ଡେଇଁ ଉତ୍ତର ପଟ ଅଞ୍ଚଳକୁ ଆସିଗଲାଣି, ସେ କଥାକୁ ଖାତର ନାଇଁ ତାର ।

ଗୁଡାଏ ବାଟ ଗଲା ପରେ ସେ ଗୋଟାଏ ଖୋଲା ଜାଗା ଦେଖିଲା । ଟିକିଏ ଦୂରରେ ଗୋଟେ ବିରାଟ ଉଇ ହୁଙ୍କା । ଭୂଇଁଟା, ଟାଙ୍ଗରା ଦେଖାଯାଉଚି ସେଇ ଖଣ୍ଡକ । ଦୂରରେ ପଥର ଆର-ପଟେ ଝରଣା ପାଣି କୁଳୁ କୁଳୁ ଶୁଭୁଚି ।

ମଇତା ଏଥର ସଜାଡ଼ି ରଖିଲା ତା'ର ପେଡି ପୁଟୁଳା । ହାତ ପାହାନ୍ତାରେ ରଖିଲା ଜଡ଼ିବୁଟି, ଔଷଧ ଚେରମୂଳି । ଭାଲିଟାକୁ ଢ଼େରିଦେଲା ପାଖ ଗଛ ଉପରକୁ ।

Digitized by srujanika@gmail.com

ଜଙ୍ଗଲ ଜାଗା । ଆଉ କୋଉ ଜନ୍ତୁଜନ୍ତା ଆସି ହାବୁଡ଼ି ଗଲେ ଭାଲି ଦରକାର । କିଏ କହିବ, ବାଘଟାଏ କି ଭାଲୁଟାଏ କେତେବେଳେ ମାଡ଼ି ନଆସିବ ବୋଲି ?

ଜଡ଼ିବୁଟି ଚେରମୂଳିକୁ ପାଖରେ ବି ରଖିଥିବା ଦରକାର । ବେଳେ ବେଳେ ଅତି ଭୟଙ୍କର ବିଷଧର ସାପ ଧରୁ ଧରୁ ସେମାନେ ଦେହ ମୁଣ୍ଡକୁ ଚୋଟ ମାରି ପକାନ୍ତି । ତେଣୁ ସେଭଳି ସାପ ଚୋଟ ମାରିବା ପରେ ଦେହରେ ବିଷ ଘାରିବା ଆଗରୁ ପାଟିରେ ଗଦ ଓ ଦେହର ଖଣ୍ଡିଆ ଜାଗାରେ ବିଷଟଣା ମଣି ଲଗେଇ ଦବା ନିହାତି ଦରକାର । ନହେଲେ ଘୋର ବିପଦ ।

ସବୁ ସଜାଡ଼ି ରଖିବା ପରେ ଚାରିଆଡ଼କୁ ଅନିଶା କରି ସେ ବଜେଇବା ଆରମ୍ଭ କଲା ''ତୁମ୍ଭା ନାଗେଶ୍ୱରୀ'' । ସେ ଖଣ୍ଡମଣ୍ଡଳ ଚମକି ପଡ଼ିଲା ନାଗେଶ୍ୱରୀ ସୁର୍‌ର ଲହରରେ । ଧୀରେ ଧୀରେ ସେ ସୁର୍ ଖେଳିଗଲା ଜଙ୍ଗଲଟା ସାରା ।

ମଇତା ଆଖି ବୁଲୋଉ ଥାଏ ଚାରି-ଆଡ଼କୁ ।

Digitized by srujanika@gmail.com



ଏତିକି ବେଳେ ଗୋଟିଏ ଚାରି ପାଞ୍ଚ ହାତ ଲମ୍ବର ମୋଟାଳିଆ ସାପ ବାହାରି ଆସିଲା ତା' ଆଗକୁ । ଏମିତିକା ନିପଟ କଳା ରଙ୍ଗର ସାପ ଆଗରୁ କେବେ ଦେଖିନଥିଲା ସେ । ସାପର ଆଖି ଦୁଇଟା କାଚ ଗୋଲି ପରି ଟୁଳୁ ଟୁଳୁ ହୋଇ ଦପ୍ ଦପ୍ କରୁଥାଏ କେମିତି । ସାପର ଆଖି ଦୁଇଟିକୁ ଚାହିଁ ନାଗେଶ୍ୱରୀ ବଜୋଉ ବଜୋଉ ହଠାତ୍ ଜଙ୍ଗଲ ଭିତରୁ ବାହାରି ଆସିଲା ଗୋଟେ ବିରାଟ ସାପ ।

ସେ ସାପର ଲମ୍ବ ଚଉଦ କି ପନ୍ଦର ହାତ ହବ । ଦେଖିବାକୁ ନାଲି ମିଶା ଚିକିଚିକିଆ କଳା । ବୁଢ଼ା ସଡ଼ପ ଗଛର ଗଣ୍ଡି ପରି କାହିଁରେ କ'ଣ ମୋଟା ଦେହ । ଆଖି ଦୁଇଟାରୁ ଖସି ପଡୁଚି ସତେ ଅବା ନିଆଁଝୁଲ । କୁଲା ପରିକା ଏଡ଼େ ବଡ଼ ହେଇଁଆ ଫଣା । ସେଥିରେ ହାଣ୍ଡିମଙ୍ଗ ପରି ଗୋଟାଏ ବଡ଼ ଚକ୍ର ଚିହ୍ନ ।

ବଡ଼ ସାପଟା ସାନ ସାପ ପଛେ ପଛେ ଧୀରେ ଧୀରେ ଆସିବାର ଦେଖି ହାଉଳି ଖାଇଗଲା ମଇତା । ତା' ହାତ ଗୋଡ଼ ଠକ ଠକ ଥରିଲା । ପାଟିରୁ ଶୁଖିଗଲା ଛେପ । କପାଳର ଦୁଇ ପାଖ ଦାଉଁ ଦାଉଁ ହବାକୁ ଲାଗିଲା ।

Digitized by srujanika@gmail.com

ଏତେ ବଡ଼ ଏ ଭଳିଆ ଭୟଙ୍କର ସାପ କେବେ ହେଲେ ଦେଖିନଥିଲା ମଇତା । ଏ ସାପକୁ ଚାରିଜଣ ହେଲେ ବି ଟେକି ପାରିବେନି ସହଜରେ ।

ଜୀବନକୁ ପାଣି ଛଡ଼େଇ କୁଣ୍ଢେଇ ଧରିଲେ ବି କୁଆଡ଼େ ବୋଇଲେ କୁଆଡ଼େ ଟେକି ନେଇଯିବ ସେ ସାପ ନିମିଷକରେ । ଭୟରେ ଆଉ ପଲକ ପଡ଼ିଲାନି ମଇତାର ।

ସେ ଭାବୁଥାଏ କ'ଣ କରିବ ଏବେ ?

ହଠାତ୍ ତା'ର ମନେ ପଡ଼ିଗଲା ମାଆର କଥା ।

ଏପରିକା ରାଘବା ସାପକୁ ଧରିବା ପାଇଁ ହେଲେ ବଡ଼ ଜାଲ ଫୋପାଡ଼ି ତାକୁ କାବୁ କରିବାକୁ ପଡ଼େ । ହେଲେ ଜାଲ ତ ଆଣିବାକୁ ଭୁଲି ଯାଇଚି ମଇତା । ସିଏ କ'ଣ ଭାବିଥିଲା ସତକୁ ସତ ମାଆ କହିବା ଅନୁସାରେ ଏତେ ବଡ଼ ସାପଟାଏ ଦେଖିବ ?

Digitized by srujanika@gmail.com

ମଇତା ଏଇଲେ ପୂରାପୂରି ଏକା । ପାଖରେ ଜଣେ କେହି ନାହିଁ ସାହା ହବାକୁ । କାନ୍ଦୁଣୁ ମାନ୍ଦୁଣୁ ହେଇଗଲା ସେ ।

ଏଇପରି ଭାବୁ ଭାବୁ ତା' ପାଖକୁ ମାଡ଼ି ଆସିଲା ବଡ଼ ସାପଟା । ବାଇଗଣି ରଙ୍ଗର ଲହ ଲହ ଦି'ଫାଳିଆ ଜିଭଟା ଚାଉଁ ଚାଉଁ ହେଇ ପିଚ୍‌କି ଆସୁଥାଏ ତାର ପାଟିରୁ ।

ଖୁବ୍ ପାଖକୁ ଆସି ସାନ ସାପ ପାଖରେ ରହିଗଲା ବଡ଼ ସାପଟା । ତା'ର ଫଅଁ ଫଅଁ ଗର୍ଜନରୁ ଝଡ଼ ପରି ସୁ' ସୁ' ପବନ ଖେଳି ଯାଉଥାଏ ଟାଙ୍ଗରା ମାଟି ଉପରେ ।

ମଇତା ଜାଣିଲା ତା'ର ଆଜି ଆଉ ରକ୍ଷା ନାହିଁ । ଏ ସାପଟା ନିଶ୍ଚେ ଗିଳିଦେବ ତା'କୁ । ପାଟି ଛେପ ଶୁଖି ଯାଉଥିଲେ ବି ବରଡ଼ାପତ୍ର ପରି ଥରି, ବଡ଼ ସାପଟାର ଆଖିରେ ଆଖି ମିଳାଇ, ସେ ଫୁଙ୍କିବାରେ ଲାଗିଥାଏ ''ତୁମ୍ବା ନାଗେଶ୍ୱରୀ''କୁ । ଧୀରେ ଧୀରେ ତା' ପାଟିର ଜୋର୍ କମି କମି ଆସୁଥାଏ । ସେଇଭଳି କମି ଆସୁଥାଏ ନାଗେଶ୍ୱରୀର ସୁର୍ ।

ସାପଟା ବି ରାଗରେ ସୁ' ସୁ' ଗର୍ଜନ କରି ତା'ର ଭୟଙ୍କର ଲାଞ୍ଜଟାକୁ ଏପଟ ସେପଟ ପିଟୁଥାଏ ଭୂଇଁ ଉପରେ ।

Digitized by srujanika@gmail.com

ମଇତା ଜାଣିଲା, ସାପ ଏଥର ତାକୁ ଅଲବତ୍ ମାରି ପକେଇବ । ନିଶ୍ଚୟ ସେ ଦେହରେ ଆଗେ ଲାଞ୍ଜ ଗୁଡ଼ାଇ ତା'ର ହାତ ଗୋଡ଼ ଚୂନା କରିଦେବ । ତାପରେ ଆସ୍ତେ ଆସ୍ତେ ଗିଳିଦେବ ତା'କୁ ଗୋଟାଯାକ । ସାପଟା ସେଇଭଳି ଚାହିଁ ଚାହିଁ ମଇତା ଆଖିରେ ଆଖି ମିଳାଇ ଏଥର ଲାଞ୍ଜଟାକୁ ବୁଲେଇଲା ତା'କୁ ଧରିବା ପାଇଁ ।

ଅନ୍ୟ କେଉଁ ସାପ ହୋଇଥିଲେ, ଲାଞ୍ଜଟାକୁ ଧରି ଟାଣି ନେଇଥାନ୍ତି ମଇତା । କିନ୍ତୁ ଏଇଟା ଯେ ରାଘବା ସାପ !

ଦେହରୁ ତାର ଥପ ଥପ ହୋଇ ଝାଳ ନିଗିଡ଼ି ପଡୁଥାଏ । ସେ ଭାବୁଥାଏ ଆହା 'ହେଟୁ' ମୋ ପାଖରେ ଏତିକି ବେଳେ ଥାଆନ୍ତା କି ? ଗାଆଁ ଲୋକେ ସମସ୍ତେ ଯଦି ଏଇଲେ ପାଖରେ ଥାଆନ୍ତେ ସିଏ କ'ଣ ସତରେ ଏମିତି ଡରି ଯାଆନ୍ତା ଏ ସାପକୁ ଦେଖି ?

ସାପର ହାବଭାବରୁ ମଇତା ଜାଣିଗଲା, ଆଉ ସେ ଜୀବନରେ ଫେରିବନି ଏ ଜଙ୍ଗଲରୁ ।

Digitized by srujanika@gmail.com

ଏତିକି ବେଳେ ବିରାଟ ଗୋଟାଏ ଫିଙ୍ଗା ଜାଲ, ଭଉଁରୀ କାଟିଲା ଭଳି ଚକ୍‌କର କାଟି, ଝୋପ୍‌କିନା ପଡ଼ିଲା ବଡ଼ ଆଉ ସାନ ଦୁଇଟାଯାକ ସାପଙ୍କ ଉପରେ । ଆଉ ଟିକିଏ ହେଇଥିଲେ ଜାଲର ଧାରରେ ବନ୍ଧା ହୋଇଥିବା ଛୋଟ ଛୋଟ ଲୁହା ଗେଟିମାନ ମାଡ଼ ହୋଇଥାଆନ୍ତା ମଇତାର ମୁଣ୍ଡ ଉପରେ ।

ସାପ ଦୁଇଟା ଗୁଡ଼େଇ ତୁଡ଼େଇ ହଉ ଥାଆନ୍ତି ଜାଲ ଭିତରେ ।

କାବା ହୋଇଗଲା ମଇତା ।

ପାଖ-ଆଖରେ କେହି ନାହିଁ । ଜଙ୍ଗଲ ଭିତରୁ କିଏ ଏମିତି ଏତେ ଦୂରରୁ ଜାଲ ଫୋପାଡ଼ିଲା ବୋଲି ସେ କନ କନ ହୋଇ ଚାହିଁଲା ଚାରିଆଡ଼କୁ । ତଥାପି ଭୟରେ ଥରୁଥାଏ ତା'ର ଦେହ ।

ଏପରି ସେ ଭାବୁ ଭାବୁ ହଠାତ୍ ବାର ଚଉଦ ଜଣ ଜଙ୍ଗଲ ଭିତରୁ ଦଉଡ଼ି ଆସି ଠେଙ୍ଗା ପକେଇ ମାଡ଼ି ବସିଲେ ସାପ ଦିଇଟାଙ୍କୁ ।

ମଇତା ଦେଖିଲା ସେମାନେ ସମସ୍ତେ ଗାଆଁର ଲୋକ । ସେମାନଙ୍କ ଭିତରେ ବି ଅଛି ତା'ର ସବୁଠାରୁ ବଡ଼ ସାଙ୍ଗ 'ହେଟୁ' ।

ଜାଲ ଫୋପଡ଼ା ବେଳେ, ଘାବରେଇ ଯାଇ ମଇତା ପଡ଼ି ଯାଇଥିଲା ପଛ ମାଡ଼ି । ଅତରଛିଆ ଭୂଇଁରୁ ଉଠିବାକୁ ଆଉ ବେଳ ପାଇ ନଥିଲା ସେ । ''ହେଟୁ'' ଦଉଡ଼ି ଆସି ତଳୁ ଝାଡ଼ିଝୁଡ଼ି ଉଠେଇଲା ତାକୁ । ଲାଜରେ ମଇତାର ମୁହଁ ତଳକୁ ହେଇଗଲା 'ହେଟୁ'-କୁ ଦେଖି ।

Digitized by srujanika@gmail.com

ଦେହରୁ ଧୂଳି ଝାଡ଼ି ଦଉ ଦଉ 'ହେଟୁ' ମଇତାକୁ କହିଲା -''କୋଉଠି ଆଉ ଆଘାତ ଲାଗି ଖଣ୍ଡିଆ ହୋଇ ନାହିଁ ତ ! ମଇତା ସେଇ ଭଳି ମୁହଁକୁ ପୋତି କହିଲା - ନାଁ, କୋଉଠି କିଛି ହେଇନି'' ।

ଗାଆଁ ଲୋକମାନେ ଜାଲ ଚାରିପଟେ ଘେରିଯାଇ ଠେଙ୍ଗାରେ ପିଟି ପିଟି ମାରିଦେଲେ ସାପ ଦିଇଟାଙ୍କୁ । କାରଣ ଏମିତିକା ସାପକୁ ଧରି, ନା ତା'ର ବିଷ ବାହାର କରିହବ, ନା ସେମାନଙ୍କୁ ପେଡ଼ି ଭିତରେ ଆୟତ୍ତ କରି ରଖି ଖେଳ ଦେଖେଇ ହବ । ରାଘବା ସାପମାନଙ୍କର ଚମଡ଼ାର ଦାମ୍ ବହୁତ ବେଶି ।

ଏକା ବେଳକେ ଦିଇଟା ରାଘବା ସାପ ଧରିବା, ସୋଘା ଗାଆଁର ଲୋକଙ୍କ ପାଇଁ ଏଇ ବୋଧେ ପ୍ରଥମ ସୁଯୋଗ । ଅନେକ ଲୋକ ସେ ସାପର ରୂପ ମଧ୍ୟ ଦେଖିନଥିଲେ ଏଯାଏଁ ।

ଘରକୁ ଫେରିଲା ବେଳେ ସେଦିନ ମଲା ସାପ ଦିଇଟାଙ୍କୁ, ଛଅ ଜଣ ଲୋକ ଭାର କରି କାନ୍ଧେଇଲେ । ଅନ୍ୟମାନେ ସେମାନଙ୍କୁ ମଝିରେ ମଝିରେ କାନ୍ଧ ଲଗେଇ ସାହାଯ୍ୟ କରୁଥାଆନ୍ତି ।

ସେଇ ଜାଗାରୁ ମଲା ସାପ ଦୁଇଟାକୁ ଧରି ସେମାନେ ସଅଳ ସଅଳ ଫେରି ଆସିଲେ ଗାଆଁକୁ । କାରଣ ସେପଟ ଜଙ୍ଗଲ ଭିତରେ ରହିଲେ ହୁଏତ ଆଉ କେଉଁ ରାଘବା ସାପ ଆସି ହାବୁଡ଼ି ଯାଇପାରେ । ତେଣୁ ହେଟୁ ସମସ୍ତଙ୍କୁ କହିଥିଲା ପଳେଇ ଚାଲ, ଏଠି ଆଉ ଅଧିକ ସମୟ ରହିଲେ ବିପଦ ପଡ଼ିପାରେ ।



Digitized by srujanika@gmail.com

ବାଟରେ ଫେରୁ ଫେରୁ ଟିକେ ନରମା ସ୍ୱରରେ ମଇତା କହିଲା - ଭାଇମାନେ ଆଜି ତମେସବୁ ଠିକ୍ ବେଳରେ ପହଞ୍ଚି ନଥିଲେ ମୋର ପ୍ରାଣ ରହିନଥାନ୍ତା । ତା' କଥା ଶୁଣି ''ଲାକ୍‌ରା'' କହିଲା, ନାଇଁ ମଇତା-ଭାଇ ଏସବୁ କାମ ପାଇଁ ହେଟୁଭାଇ ପ୍ରଶଂସା ପାଇବା କଥା । ଆଜି ତମକୁ ଉତ୍ତରପଟ ବଣ ଭିତରକୁ ପଶିବାର ଦୂରରୁ ଦେଖିପାରି, ହେଟୁଭାଇ ଜୋର୍ କଲା ତମ ପଛେ ପଛେ ଆସିବା ପାଇଁ । ସେ ଆମକୁ କହିଲା, ''ମଇତା ସେପଟ ଜଙ୍ଗଲ ବିଷୟରେ କିଛି ଜାଣେନି । ନ ଜାଣି ସେ ସିଆଡ଼କୁ ଯାଉଛି । ନିଶ୍ଚୟ ତା' ଉପରେ ବିପଦ ପଡ଼ିପାରେ । ଚାଲ ଆମକୁ ଯେମିତି ହେଲେ ତାକୁ ରକ୍ଷା କରିବାକୁ ପଡ଼ିବ''।

Digitized by srujanika@gmail.com

ଏକଥା ଶୁଣିବା ମାତ୍ରେ ମଇତାର ମନ 'ହେଟୁ' ପ୍ରତି ସ୍ନେହରେ ଭରିଗଲା । ହାତ ଛିଞ୍ଚାଡ଼ି ତାକୁ ଅନାଦର କରିଥିବା କଥା ମନେ ପଡ଼ିଲା ତା'ର । ସେ ଦଉଡ଼ି ଯାଇ କୁଣ୍ଢେଇ ପକେଇଲା ହେଟୁକୁ । ହେଟୁ ବି ମଇତାକୁ ଆଦର କରି କୁଣ୍ଢେଇ ଧରିଲା ଅନେକ ବେଳ ଯାଏଁ । ଦୁଇ ଜଣଙ୍କ ଆଖିରେ ଲୁହ ।

ହେଲେ ଏଭଳି ଏତେ ଦୂରରୁ ଠିକ୍ ଲକ୍ଷ୍ୟକରି କିଏ ଜାଲ ଫୋପାଡ଼ି ପାରିଲା ବୋଲି ଆଶ୍ଚର୍ଯ୍ୟ ହେଇ ମଇତା ପଚାରିଲା ବେଳେ, ରାମ୍ଭା କହିଲା, ''ଆଉ କିଏ ଏଭଳି କରି ପାରିବ ? ଇଏବି ତୋ'ର ସେଇ ସାଙ୍ଗ ହେଟୁର କରାମତି । ଗତ ବର୍ଷ ସାରା ଲାଗି, ସେ ଜାଲ ଫୋପାଡ଼ିବାରେ ଏତେ ପୋଖତ ହେଇଯାଇଚି ଯେ, ଶହେ ଫୁଟ ଦୂରରୁ ବି ଥାଳି ପରି ଫୋପାଡ଼ି ଦେଇ ପାରିବ ଫିଙ୍ଗା-ଜାଲକୁ''।

ଖୁସୀରେ ମଇତା ଚାହିଁ ରହିଲା, ହେଟୁ ମୁହଁକୁ । ହେଟୁର ମୁହଁଟି ସେତେବେଳେ ଦେଖାଯାଉଥାଏ ହସ ହସ । ଆଖି ଦୁଇଟା ଦିଶୁଥାଏ ଚକ୍ ଚକ୍ ।

ସଭିଏଁ ଫେରିଲେ ଗାଆଁକୁ । ସାରା ଗାଆଁରେ ସେଇ କଥା ନେଇ ନାନା ଗପଟପ ଲାଗିଥାଏ । ସାପ ଦିଇଟାକୁ ଘେରି ଠିଆ ହୋଇଥାଆନ୍ତି ଗାଆଁର ସବୁ ଯୁବକ । ବଡ଼ ବଡ଼ମାନେ କୋଠଘର ବାରଣ୍ଡାରେ ବସି ସେଇ ଆଡ଼କୁ ଚାହିଁ ଆଲୋଚନା ଜମେଇ ଥାଆନ୍ତି । କିଏ କହୁଥାଏ, କି ଚମତ୍କାର ଦିଶୁଚି-ମ ଏ ସାପର ଚମଡ଼ା !



Digitized by srujanika@gmail.com

ଆଉ ଜଣେ କହୁଥାଏ ଭାଇ, ଆମେ 'ରାଘବା' ସାପର ନାଁ ଏ ଯାଏଁ ଶୁଣିଥିଲେ ସିନା, ଦେଖିନଥିଲେ କେବେ ।

ପୁଣି କିଏ ଜଣେ କହିଲା, ଯା'ହଉ ହେଟୁ ଯୋଗୁରୁ ସିନା ଆମେ ଆଜି ଦିଇ ଦିଇଟା ରାଘବା ସାପର ଛାଲ ପାଇ ପାରିଲେ । ହେଟୁ ସେଠି ନଥିଲେ କିଏ ଏଡ଼େ ସାହସ କରି ଫୋପାଡ଼ି-ଥାଆନ୍ତା ଜାଲ ?

Digitized by srujanika@gmail.com

ହେଟୁ କାନରେ ସେ ପଦକ ଯେମିତି ପଡ଼ିଚି, ଛାଲ ଉତାରୁ ଉତାରୁ ସେ ଉତ୍ତର ଦେଲା- ''ଅସଲରେ ମଇତା ଯୋଗୁଁ ଏ ସାପ ଦୁଇଟା ମରା ହେଲା । ମଇତା ଭଳି ସାହାସୀ ନ ହେଇଥିଲେ କିଏ ଯାଇଥାଆନ୍ତା ସେପଟ ଜଙ୍ଗଲକୁ ରାଘବା ସାପଙ୍କ ସାମ୍ନା କରିବା ପାଇଁ'' ?

ମଇତା ଦୂରରେ ବସି ଚୁପ୍‌ଚାପ୍ ଶୁଣୁଥାଏ ସବୁ କଥା । ତା'ର ମୁହଁଟି ଶୁଖି ଯାଇଥାଏ ଗୋଟେ ବଡ଼ ଦୋଷ କରିଥିବା ମଣିଷର ମୁହଁ ପରି ।

ରାତିରେ ମୁହଁ ପୋତି ଖାଇ ବସିଲା ବେଳେ, ମାଆ ଆଡ଼କୁ ନ ଚାହିଁ ମଇତା କହିଲା - ''ମାଆ ମୁଁ ତୋ କଥା ନ ମାନି ବଡ଼ ଭୁଲ୍‌ଟାଏ କରି ପକେଇଥିଲି । ତୁ ଯାହା ଯାହା କହିଥିଲୁ ସବୁ ଅକ୍ଷରେ ଅକ୍ଷରେ ସତ । ତୋ କଥା ମାନି ନଥିବାରୁ ଆଜି ରାଘବା ସାପ ପାଖରେ ମୋ ଜୀବନ ଯାଇଥାଆନ୍ତା । ଏଣିକି ତୋ କଥା ମାନି ମୁଁ ସବୁବେଳେ ଚଳିବି ।

Digitized by srujanika@gmail.com

ତା'ପରଦିନ ।

ସକାଳ ପାଇବାକୁ ଆହୁରି ବାକି ।

ଆଉ କେହି ସଜବାଜ ହୋଇ ନ ବାହାରୁଣୁ ମାଆ ଦେଖିଲେ ମଣିଚୂଡ଼ ପାହାଡ଼କୁ ଯିବା ପାଇଁ ମଇତା ଗାଆଁ ଲୋକଙ୍କୁ ଅପେକ୍ଷା କରି କୋଠଘର ବାରଣ୍ଡାରେ ବସିଚି ।

ମଇତା ଆଡ଼କୁ ଚାହିଁ ମାଆ ଖୁସୀରେ ହସିଦେଲେ ଟିକେ ।

ପୂର୍ବ ଦିଗରୁ ସୂର୍ଯ୍ୟ ଉଇଁ ଆସୁଥିଲେ ଧୀରେ ଧୀରେ । ଘରେ 'କିନୁ' ଆଉ 'ପିଉଁ' ତଥାପି ଶୋଇଥିଲେ କନ୍ଥା ଘୋଡ଼େଇ ହୋଇ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଭୁବନେଶ୍ୱର

Digitized by srujanika@gmail.com